A Newsletter of TPSODL

# ଅରୁଣିମା Arunima

Inaugural Issue

Vol-1 | Issue 1 | November 2023

## CEO's Desk

In our journey through the ever-shifting landscape of the power sector, I am delighted to connect with all of you. As I reflect on our incredible voyage, I'm filled with profound pride, knowing that each one of you have played an integral role in our remarkable success.

The power industry is in the midst of significant changes, and we are at the forefront, leading the way. Over the last two and half Years, we've encountered and conquered numerous challenges. This was possible due to our commitment to innovation and the delivery of reliable energy. Our vision extends beyond simply powering society – through our Corporate Social Responsibility (CSR) initiatives, we are actively transforming far-distant villages. We are providing education, economic support, and, most importantly, bringing hope and light to the communities we serve.

To maintain our leadership position, we must remain unwavering in our pursuit of excellence. In the coming months, we have a series of exciting projects and initiatives on the horizon, all aimed at further enhancing our company's reputation in the industry. Let us embrace challenges as opportunities for even greater achievements. Also, congratulation to the team for an outstanding debut edition of our company newsletter!

**- Amit Kumar Garg**





**Team TPSODL is always focussed on creating customer delight by providing reliable power supply with better customer services.**

## WHAT'S INSIDE


- **EXECUTIVE SPOTLIGHT** — Interview with CEO — 2
- **CONSUMER CONNECT** — TPSODL's Fifth CRC in Hinjilicut — 3
- **EMPOWERING COMMUNITIES** — Igniting Change for Better Tomorrow — 5
- **HERITAGE CORNER** — GI Tag for Saura Art — 6
- **TRIUMPHS & AWARDS** — Award for Digital Literacy Promotion — 7

## Executive Spotlight



# ସିଇଓଙ୍କ ସହ ଆଳାପ

**ଦକ୍ଷିଣ ଓଡ଼ିଶା ଓ ଏହାର ଉପାନ୍ତ ଅଞ୍ଚଳରେ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇବା ଦାୟିତ୍ୱ ଟିପିଏସ୍ଓଡିଏଲ୍ ଉପରେ ନ୍ୟସ୍ତ । ଏଭଳି ଏକ ବଡ଼ ଆହ୍ୱାନକୁ ଗ୍ରହଣ କରି ସୁଚାରୁ ରୂପେ ଦାୟିତ୍ୱ ସମ୍ପାଦନ କରୁଛନ୍ତି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅମିତ ଗର୍ଗ। ଦକ୍ଷ ନେତୃତ୍ୱଶୈଳୀ ସହ ଶ୍ରୀ ଗର୍ଗଙ୍କ ଦୀର୍ଘ ବର୍ଷର ଅଭିଜ୍ଞତା ବିଦ୍ୟୁତ ସେବା ଯୋଗାଣ ପ୍ରକ୍ରିୟାକୁ ଅଧିକ ବ୍ୟବସ୍ଥିତ କରିବାରେ ସହାୟକ ହୋଇପାରୁଛି । ଗୁଣାତ୍ମକ ବିଦ୍ୟୁତ ସେବା ସୁନିଶ୍ଚିତ କରିବା ପାଇଁ କମ୍ପାନୀ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଏବଂ ଭବିଷ୍ୟତର ଲକ୍ଷ୍ୟ ସମ୍ପର୍କରେ ଶ୍ରୀ ଅମିତ ଗର୍ଗଙ୍କ ସହ ଏକ ଅନ୍ତରଙ୍ଗ ଆଳାପ -**

**1. ପ୍ରଶ୍ନ - ଆପଣ ଦକ୍ଷିଣ ଓଡ଼ିଶାରେ ଦୀର୍ଘ ସମୟ ଧରି ଅଛନ୍ତି। ଏହି ଅଞ୍ଚଳ ସମ୍ପର୍କରେ କଣ କହିବେ?**

**ଉତ୍ତର** - ଲୋକେ କୁହନ୍ତି ଯେ ଓଡ଼ିଶା, ବିଶେଷ ଭାବେ ଏହାର ଦକ୍ଷିଣ ଓଡ଼ିଶାରେ ଅନେକ ଐତିହ୍ୟ ଓ ପ୍ରାକୃତିକ ସମ୍ପଦ ଭରି ରହିଛି, ଯାହା ଖୁବ ସୁନ୍ଦର ଓ ମନଲୋଭା । ଗତ ଦେଢ଼ ବର୍ଷ ଧରି ମୁଁ ଏଠାକାର ସ୍ନେହୀ,ମେଳାପୀ ବାସିନ୍ଦାଙ୍କ ସହ ମିଶିଛି । କୋରାପୁଟ ଓ କନ୍ଧମାଳର ପର୍ବତମାଳାରୁ ଆରମ୍ଭ କରି ଖରସ୍ରୋତା ନଦନଦୀ ଏବଂ ମାଲକାନଗିରି ଓ ରାୟଗଡାର ସବୁଜିମା ଯାଏଁ, ଆମେ ଓଡ଼ିଶାର ସବୁଠୁ ସୁନ୍ଦର ଓ ଅପହଞ୍ଚ ଅଞ୍ଚଳର ଲୋକଙ୍କ ସେବା କରିବାର ସୁଯୋଗ ପାଇଛୁ । ସେମାନଙ୍କ ଜୀବନରେ ଏକ ସକାରାତ୍ମକ ରୂପାନ୍ତରଣ ଆଣିବା ପାଇଁ ଚେଷ୍ଟା ଜାରି ରହିଛି ।

**2. ପ୍ରଶ୍ନ - ଆପଣ ଜଣେ କ୍ରୀଡ଼ାବିତ । କର୍ମକ୍ଷେତ୍ର ଓ କ୍ରୀଡ଼ା ମଧ୍ୟରେ ସମ୍ପର୍କକୁ କିଭଳି ଦେଖୁଛନ୍ତି?**

**ଉତ୍ତର** - କ୍ରୀଡ଼ାବିତ ଭାବେ ମୁଁ ନିଜ ଭିତରେ ଏକ ସ୍ୱତନ୍ତ୍ର ଉର୍ଜାକୁ ଅନୁଭବ କରେ । ମୋ ବିଚାରରେ, ଆମ ସମସ୍ତଙ୍କ ମଧ୍ୟରେ ସ୍ପୋର୍ଟ୍ସମ୍ୟାନସିପ ରହିବା ଆବଶ୍ୟକ । ଜଣେ ଖେଳାଳୀ ମଧ୍ୟରେ ଅଦମ୍ୟ ଇଚ୍ଛାଶକ୍ତି, ଧୈର୍ଯ୍ୟ, ନିଷ୍ଠା ଓ ନୂଆ କରିବାର ନିରନ୍ତର ପ୍ରଚେଷ୍ଟା ରହିଥାଏ । ଏହି ଗୁଣ ସବୁକୁ ଅନ୍ୟାନ୍ୟ କ୍ଷେତ୍ରରେ ପ୍ରୟୋଗ କରାଯାଇପାରିବ। ଆମେ ସମସ୍ତେ କର୍ମକ୍ଷେତ୍ରରେ ଏମିତି କାମ କରିବା ଦରକାର । ସେହିଭଳି କ୍ରୀଡ଼ା ସଭିଙ୍କୁ ଏକତା ସୂତ୍ରରେ ବାନ୍ଧି ରଖେ । ଏଣୁ ଟିପିଏସ୍ଓଡିଏଲରେ କର୍ମଚାରୀମାନଙ୍କୁ ସମୟ ସମୟରେ ବିଭିନ୍ନ କ୍ରୀଡ଼ାରେ ଅଂଶଗ୍ରହଣ କରିବାକୁ ପ୍ରୋତ୍ସାହିତ କରାଯାଉଛି । ସେମାନେ କ୍ରୀଡ଼ାରେ ଅଂଶଗ୍ରହଣ କରି ଉତ୍ସାହିତ ରହୁଛନ୍ତି ।

**3. ପ୍ରଶ୍ନ - ଉପଭୋକ୍ତାଙ୍କ ସନ୍ତୁଷ୍ଟି ନିମନ୍ତେ କମ୍ପାନୀ କେଉଁ କେଉଁ ପଦକ୍ଷେପମାନ ଗ୍ରହଣ କରିଛି?**

**ଉତ୍ତର** - ସମ୍ପ୍ରତି କମ୍ପାନୀ ୨୩ ଲକ୍ଷରୁ ଅଧିକ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଜୁଳି ସେବା ଯୋଗାଉଛି । ସେବା ପ୍ରଦାନ ପ୍ରକ୍ରିୟାରେ ଉପଭୋକ୍ତାଙ୍କ ସନ୍ତୁଷ୍ଟିକୁ ଆମେ ସର୍ବାଧିକ ଗୁରୁତ୍ୱ ଦେଉଛୁ। ଏହି କ୍ରମରେ କମ୍ପାନୀ ଗ୍ରାହକ ସମ୍ପର୍କ କେନ୍ଦ୍ର, ଅଭିଯୋଗ ପ୍ରତିକାର ଫୋରମ, ଫ୍ୟୁଜ କଲ୍ ସେଣ୍ଟର, କଲ୍ ସେଣ୍ଟର ଓ ସୋସିଆଲ ମିଡିଆ ଡେସ୍କ ତିଆରି କରିଛି । ଯାହା ମାଧ୍ୟମରେ ଉପଭୋକ୍ତାମାନେ ବିଦ୍ୟୁତ ସେବା ସମ୍ପର୍କିତ ସୂଚନା ପାଇବା ସହ ଅଭିଯୋଗ ପଞ୍ଜିକରଣ କରି ତ୍ୱରିତ ସମାଧାନ ପାଉଛନ୍ତି। ଗ୍ରାହକ ସେବା ସମ୍ପର୍କିତ ଅଧିକାଂଶ ବ୍ୟବସ୍ଥାର ଆମେ ଅନଲାଇନକରଣ ମଧ୍ୟ କରିଛୁ । ଫଳରେ ଉପଭୋକ୍ତଙ୍କ ସହ ସମ୍ପର୍କ ସ୍ଥାପନ ସହଜରେ ହୋଇପାରୁଛି ଓ ସେମାନେ ଭରସାଯୋଗ୍ୟ ସେବା ପାଇପାରୁଛନ୍ତି ।

**4. ପ୍ରଶ୍ନ - କମ୍ପାନୀର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକଳାପ କିପରି ଓ କ'ଣ କ'ଣ ?**

**ଉତ୍ତର** - କମ୍ପାନୀ ନିଜର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମକୁ ନେଇ ବେଶ ଯତ୍ନବାନ । ଜୀବିକା ଓ ସ୍ୱାସ୍ଥ୍ୟ ଭଳି କ୍ଷେତ୍ରକୁ ଆମେ ଅଗ୍ରାଧିକାର ଦେଉଛୁ । ଟିପିଏସ୍ଓଡିଏଲ୍ ପକ୍ଷରୁ ନିଯୁକ୍ତି ଆଶାୟୀ ଯୁବକ ଯୁବତୀଙ୍କ ଉଦ୍ଦେଶ୍ୟରେ ଏକ ଧନ୍ଦାମୂଳକ ତାଲିମ କେନ୍ଦ୍ର ଖୋଲାଯାଇଛି । ଯୁବଗୋଷ୍ଠୀ ଏଠାରେ ତାଲିମ ନେବା ପରେ କମ୍ପାନୀ ପକ୍ଷରୁ ସେମାନଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇ ଦିଆଯାଉଛି । ଏହାସହ ମିଲେଟ ମିଶନ ସହ ଯୋଡ଼ି ହୋଇ ଗୋଷ୍ଠୀ ସହଭାଗିତା ମାଧ୍ୟମରେ ମିଲେଟ ଚାଷକୁ ପ୍ରୋତ୍ସାହିତ କରାଯାଉଛି । ସେହିପରି ଗ୍ରାମୀଣ ଜନସାଧାରଣଙ୍କର ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇ ଦୁଇଟି ଭ୍ରାମ୍ୟମାଣ ଚିକିତ୍ସାଳୟ, ଅବିଭକ୍ତ କୋରାପୁଟ ଓ ଗଞ୍ଜାମ ଜିଲ୍ଲାର ଦୂରନ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ଯୋଗାଉଛି । କଳାହାଣ୍ଡି ଓ ରାୟଗଡ଼ାରେ ୨ଟି ଅତିରିକ୍ତ ଭ୍ରାମ୍ୟମାଣ ଚିକିତ୍ସାଳୟ ସେବା ଆରମ୍ଭ ହେବ ନେଇ ଯୋଜନା ରହିଛି ।

# Consumer Connect

## TPSODL Expands Customer Support with Bhanjanagar GRF



At TPSODL, ensuring consumer satisfaction reigns supreme. To enrich the consumer journey, we proudly introduce the Grievances Redressal Forum in the vibrant hub of Bhanjanagar. This forum is more than a space – it's a dynamic platform where concerns find a voice, resolutions take shape, and transparency flourishes. And that's not all, we're already making waves with operational GRFs in the bustling cities of Berhampur, Jeypore, and Rayagada.

## ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା

ପରିବେଶ ଓ ବନ୍ୟପ୍ରାଣୀ ସଂରକ୍ଷଣ ଦିଗରେ ସଚେତନତା ସୃଷ୍ଟି କରିବା ପାଇଁ ଟିପିଏସ୍ଓଡିଏଲ୍ ବିଭିନ୍ନ ଗ୍ରାମରେ ପଥପ୍ରାନ୍ତ ନାଟକ ଆୟୋଜନ କରୁଛି। ଗୀତ ଓ କାହାଣୀ ମାଧ୍ୟମରେ ଲୋକଙ୍କୁ ସଚେତନତା ବାର୍ତ୍ତା ଦିଆଯାଉଛି। ମଣିଷ-ବନ୍ୟଜନ୍ତୁ ସଂଘର୍ଷ, ହାତୀ ମୃତ୍ୟୁ, ମଣିଷ ସୁରକ୍ଷା, ଜଙ୍ଗଲ ସଂରକ୍ଷଣ ଆଦି ବିଷୟବସ୍ତୁକୁ ନେଇ ନାଟକ ପ୍ରସ୍ତୁତ କରାଯାଉଛି । ଜଙ୍ଗଲ ପାଖାପାଖି ଅନେକ ଗାଁରେ ଗୀତ ଓ କାହାଣୀ ମାଧ୍ୟମରେ ପଥପ୍ରାନ୍ତ ନାଟକ ପ୍ରଦର୍ଶିତ କରାଯାଇ ବନ୍ୟପ୍ରାଣୀ ସୁରକ୍ଷା କ୍ଷେତ୍ରରେ ସାଧାରଣ ଲୋକଙ୍କ ଦାୟିତ୍ୱ ସମ୍ପର୍କରେ ସଚେତନ କରାଯାଉଛି । ଟିପିଏସ୍ଓଡିଏଲର ଏଭଳି ଉଦ୍ୟମକୁ ରାଜ୍ୟ ଜଙ୍ଗଲ ବିଭାଗ ପକ୍ଷରୁ ମଧ୍ୟ ପ୍ରଂଶସା କରାଯାଇଛି ।



## Consumer-Centric Approach: TPSODL's Fifth CRC in Hinjilicut




In a grand celebration of our commitment to unparalleled consumer experiences, TPSODL proudly unveils the Hinjilicut Customer Relation Centre. The event was graced by esteemed board members, Mr. Narendra Nath Mishra, Mr. Ashok Kumar Tripathy, and our dynamic CEO, Mr. Amit Garg. At the heart of this new venture is a team of highly skilled professionals, transforming the CRC into a haven for comprehensive services, unwavering support, and innovative solutions for all consumer concerns. This milestone marks our fifth CRC, joining the ranks of the empowering centres in Berhampur (All Women), Jeypore, Paralakhemundi, and Rayagada.

# Geographic Information System

**Empowering our ground staff, we have launched Geographic Information System (GIS) mobile app to increase efficiency**




1. Routing on Google Maps based on multiple options like one-to-another location, pin-to-site, and distance measurement
2. Get real-time information about the existing HV, MV, or LT network, or the addition of new assets like poles, transformers, service wires, building and structure through address, asset code, work ID or location
3. Record field survey observations and plan maintenance activities in need

# Public Safety

**In the span of two years, we have taken prompt action in identifying and fencing transformers in vulnerable conditions. Till now around 1918 open transformers have been fenced and the number is still counting up.**

| FY 2022 | FY 2023 | FY 2024 |
|---|---|---|
| Total Fencing | Total Fencing | Total Fencing |
| 802 | 960 | 149 |


## ଉପଭୋକ୍ତା ସମ୍ପର୍କ ବିନ୍ଦୁ

- **ଗ୍ରାହକ ସମ୍ପର୍କ କେନ୍ଦ୍ର (ସିଆରସି):**
  ଛୁଟିଦିନ ବ୍ୟତୀତ ଅନ୍ୟ ଦିନ ସକାଳ ୮ ଘଟିକାରୁ ସନ୍ଧ୍ୟା ୮ ଘଟିକା ପର୍ଯ୍ୟନ୍ତ ଖୋଲା ରହୁଛି
- ଫ୍ୟୁଜ କଲ୍ ସେଣ୍ଟର/ସମ୍ପର୍କ କେନ୍ଦ୍ର
- **ମାଇଁ ଟାଟା ପାୱାର ଆପ୍:**
  ପ୍ରତ୍ୟେକ ଆବଶ୍ୟକତାର ଏକକ ସହାୟକ ପ୍ଲାଟଫର୍ମ
- ସମସ୍ତ ସେକ୍ସନ୍/ସବ-ଡିଭିଜନ୍/ଡିଭିଜନ ଅଫିସ

Download
My Tata Power App

- **ରିଡ୍ରେସାଲ ଫୋରମ୍:**
  - ବିଦ୍ୟୁତ ଲୋକପାଳ, ଭୁବନେଶ୍ୱର
  - ଜିଆରଏଫ ସଭାପତି, ବ୍ରହ୍ମପୁର
  - ଜିଆରଏଫ ସଭାପତି, ଜୟପୁର
  - ଜିଆରଏଫ ସଭାପତି, ଭଞ୍ଜନଗର
  - ଜିଆରଏଫ ସଭାପତି, ରାୟଗଡ଼ା

ଡିଜିଟାଲ ପ୍ଲାଟଫର୍ମରେ ପେମେଣ୍ଟ କରି ଆକର୍ଷଣୀୟ ରିହାତିର ଲାଭ ଉଠାନ୍ତୁ

# ସୁରକ୍ଷା ସଚେତନତା ପାଇଁ ସାଇକେଲ ଯାତ୍ରା




୫୪୦ କିମି ସାଇକେଲ ଯାତ୍ରା । କେବଳ ଗୋଟିଏ ଲକ୍ଷ୍ୟ 'ବୈଦ୍ୟୁତିକ ସୁରକ୍ଷା ସଚେତନତା ବାର୍ତ୍ତା ବାଣ୍ଟିବା । ଆମ କମ୍ପାନୀର ପ୍ରୋଜେକ୍ଟ ଲିଡ୍ ଭାବେ କାର୍ଯ୍ୟରତ ଶ୍ରୀ ସୌମ୍ୟ ରଞ୍ଜନ ଲେଙ୍କାଙ୍କର ଏଭଳି ଅଭିନବ ପ୍ରୟାସ କମ୍ପାନୀର କର୍ମଚାରୀମାନଙ୍କ ପାଇଁ ଉଦାହରଣ ପାଲଟିଛି । ମାଲକାନଗିରିରୁ ବ୍ରହ୍ମପୁର ପର୍ଯ୍ୟନ୍ତ କଷ୍ଟସାଧ୍ୟ ସାଇକେଲ ଯାତ୍ରାରେ ଶତାଧିକ ଗ୍ରାମ ତଥା ସହରର ଜନସାଧାରଣମାନଙ୍କୁ ଭେଟି ଶ୍ରୀ ଲେଙ୍କା ବିଦ୍ୟୁତ ସୁରକ୍ଷା ସମ୍ପର୍କିତ ସମସ୍ୟା ଓ ଏନେଇ କମ୍ପାନୀ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ । ଏହାସହ ବିଦ୍ୟୁତ ସୁରକ୍ଷା ନିୟମାବଳୀକୁ ପାଳନ କରିବାକୁ ସାଧାରଣ ଲୋକଙ୍କୁ ନିବେଦନ କରିଥିଲେ । " ଜିରୋ ହାର୍ମ୍ ମିଶନ " ଲକ୍ଷ୍ୟ ପୂରଣ ଦିଗରେ କମ୍ପାନୀ ନିଜର ପ୍ରତିବଦ୍ଧତାକୁ ସୁନିଶ୍ଚିତ କରିବାକୁ ' ସୁରକ୍ଷା ସଚେତନତା ରଥ' ମାଧମରେ ବର୍ଷ ତମାମ ସାଧାରଣ ଲୋକଙ୍କୁ ସଚେତନ କରାଉଛି । ଏହି ଲକ୍ଷ୍ୟ ପୂରଣ ଦିଗରେ ଶ୍ରୀଲେଙ୍କାର ବ୍ୟକ୍ତିଗତ ଉଦ୍ୟମକୁ କମ୍ପାନୀର କର୍ମଚାରୀମାନେ ବେଶ୍ ପ୍ରଶଂସା କରିଛନ୍ତି ।




## IGNITING CHANGE FOR BETTER TOMORROW

Jogindra Das, hailing from a small village in Hinjilicut, had a singular dream of improving the living conditions of his seven member family. His father, the sole breadwinner, couldn't engage in agriculture due to health problems, which led his mother to take up work as a sweeper. As the eldest son, Jogindra aspired to support his mother, and this led him to the TPSODL Vocational Training Centre.Through this centre, Jogindra acquired valuable skills, ultimately securing a position of an assistant Welder at L&T (Naval Dockyard, Visakhapatnam). He now enjoys a monthly income of around 14,000 rupees, along with other benefits, and has transformed his family's quality of life.

## ସବୁଜମୟ ଜୀବନର ପଥ ପ୍ରଦର୍ଶକ



ପରିବେଶ ଅନୁକୂଳ ଜୀବନଶୈଳୀକୁ ଆପଣେଇବା ସହ ସାଧାରଣରେ ଏନେଇ ସଚେତନତା ପହଞ୍ଚାଇବା ପାଇଁ ଟିପିଏସ୍ଓଡିଏଲ୍ ୱାକାଥନର ଆୟୋଜନ କରିଛି । ଗତ ଅକ୍ଟୋବର ୧୯ ତାରିଖରେ କମ୍ପାନୀର କର୍ପୋରେଟ କାର୍ଯ୍ୟାଳୟ ଓ ୬ଟି ସର୍କଲର ୪୦୦ରୁ ଅଧିକ ସ୍ୱେଚ୍ଛାସେବୀ ଭିନ୍ନ ଭିନ୍ନ ସ୍ଥାନରେ ୱାକାଥନର ଆୟୋଜନ କରି ସଚେତନତା ବାର୍ତ୍ତା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଶକ୍ତି ସଂରକ୍ଷଣ ଓ ସବୁଜ ଶକ୍ତିର ବ୍ୟବହାର ସମ୍ପର୍କିତ ସଚେତନ ବାର୍ତ୍ତା ଲେଖାଥିବା ପ୍ଲା କାର୍ଡ ଧରି କର୍ମଚାରୀମାନେ ପଦଯାତ୍ରା କରିଥିଲେ । ଏକ ସୁସ୍ଥ, ସବୁଜ ଓ ସୁନ୍ଦର ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ଏବେଠାରୁ ପରିବେଶ ଅନୁକୂଳ ଜୀବନଶୈଳୀ ଆପଣେଇବା ଆବଶ୍ୟକ । ଏଣୁ ଟିପିଏସ୍ଓଡିଏଲ୍ ସଦାସର୍ବଦା ପରିବେଶ ଅନୁକୂଳ ଉତ୍ପାଦର ବ୍ୟବହାର କରିବା ପାଇଁ ନିଜର କର୍ମଚାରୀ, ଉପଭୋକ୍ତା ଓ ଅଂଶୀଦାରମାନଙ୍କୁ ପ୍ରୋତ୍ସାହିତ କରିଆସୁଛି ।

## ବିଭବ ଓ ସଂସ୍କୃତି

# ସରଳ ଓ ସୁନ୍ଦର "ସଉରା ଚିତ୍ରକଳା"

ଆଦିମ ଜନଜାତିଙ୍କ କଳା ସଂସ୍କୃତିରେ ସମୃଦ୍ଧ ଓଡିଶା ରାଜ୍ୟ । ସେମାନଙ୍କ ଭିତରେ ମହାଭାରତର ଜରା ଶବରଙ୍କ ବଂଶଧର ଭାବେ ବର୍ଣ୍ଣିତ ଦକ୍ଷିଣ ଓଡ଼ିଶାର ଲାଞ୍ଜିଆ ସଉରା ଆଦିବାସୀ ଅନ୍ୟତମ। ସଉରାଙ୍କ ଭାଷା ଓ ସଂସ୍କୃତି ମଧ ଅନନ୍ୟ । କୋଟି ଓଡିଆଙ୍କ ଆରାଧ ମହାପ୍ରଭୁ ଜଗନ୍ନାଥ ପ୍ରଥମେ ଏହି ଶବର ଜନଜାତିଙ୍କ ପୂଜ୍ୟ ଠାକୁର ଥିଲେ । ସଉରା ଚିତ୍ରକଳାର ସ୍ରଷ୍ଟା ମଧ ଏଇମାନେ । ସହଜ ଓ ସରଳ ଦେଖାଯାଉଥିବା ଚିତ୍ର କଳା କେତେ ଚମତ୍କାର ହୋଇପାରେ, ତାହାର ସର୍ବୋତ୍ତମ ଉଦାହରଣ ହେଉଛି, ସଉରା ଚିତ୍ରକଳା । ନିଜ ସାମାଜିକ ଜୀବନଶୈଳୀର କ୍ରମବିକାଶକୁ ଏହି ଚିତ୍ରକଳା ମାଧ୍ୟମରେ ସଉରାମାନେ ପ୍ରଭାବୀ ଢଙ୍ଗରେ ଉପସ୍ଥାପିତ କରିପାରିଛନ୍ତି । ନିକଟ ଅତୀତରେ ଜିଆଇ ମାନ୍ୟତା ଜର୍ଣ୍ଣାଲରେ ସଉରାମାନଙ୍କ ପାରମ୍ପରିକ ଇଡ଼ିତାଲ କାନ୍ଥଚିତ୍ର ସ୍ଥାନ ପାଇବା ପରେ ସଉରା ସମ୍ପ୍ରଦାୟ ଓ ସେମାନଙ୍କ ଚିତ୍ରକଳାକୁ ନେଇ ଆଲୋଚନା ବଢ଼ିଛି ।



ଓଡ଼ିଶାର ରାୟଗଡ଼ା ଓ ଗଜପତି ଜିଲ୍ଲାରେ ବସବାସ କରୁଥିବା ସଉରା ଜନଜାତିଙ୍କ କଳା, ସଂସ୍କୃତି ଓ ଐତିହ୍ୟ ଅତି ପ୍ରାଚୀନ । ସେମାନେ ପ୍ରକୃତିର ସନ୍ତାନ । ତେଣୁ ସଉରା ଆଦିବାସୀଙ୍କ ଚିତ୍ରକଳା ମଧ ପ୍ରକୃତି ପ୍ରେରିତ । ନିକଟ ଅତୀତରେ ରାୟଗଡ଼ା ଜିଲ୍ଲାର ରେଜିଙ୍ଗତାଲ୍ ଗ୍ରାମର ସଉରା ସମ୍ପ୍ରଦାୟର କଳାକାରମାନେ ଇଡିତାଲ୍ ଚିତ୍ର ଆଙ୍କି ସମଗ୍ର ଗାଁକୁ ଏକ ଆର୍ଟ ଗ୍ୟାଲେରୀରେ ପରିଣତ କରିପାରିଛନ୍ତି । ୫୦ରୁ ଊର୍ଦ୍ଧ୍ୱ ଚିତ୍ରକାର ନିଜ ଘରର ନାଲି କାନ୍ଥରେ ସାଧାରଣ ଜ୍ୟାମିତିକ ବସ୍ତୁ ମାଧ୍ୟମରେ ଅତି ସୁନ୍ଦର ଇଡିତାଲ୍ ଚିତ୍ର ଆଙ୍କିଛନ୍ତି । କଳାକାର ହାତର ସ୍ପର୍ଶରେ ଜୀବନ୍ତ ହୋଇଉଠିଛି ନିର୍ଜୀବ ପ୍ରାଚୀର ।

ସେହିଭଳି ଆଦିବାସୀ କଳାକାର ପାଇଁ ସ୍ୱତନ୍ତ୍ର ଭାବେ କୌଣସି କାନଭାସର ଆବଶ୍ୟକତା ନାହିଁ । ସଉରାଙ୍କ ପାଇଁ ସେମାନଙ୍କ ଘରର କାନ୍ଥ ହିଁ କାନଭାସ ପାଲଟି ଯାଏ । ସଉରା ଭାଷାରେ "ଇଡି" ର ଅର୍ଥ ଚିତ୍ର ଏବଂ "ତାଲ୍" ର ଅର୍ଥ କାନ୍ଥ । ସଭ୍ୟତାର ଉନ୍ମେଷ କାଳରୁ ଆଦିମ ମାନବ ପ୍ରଥମେ କାନ୍ଥରେ ହିଁ ଚିତ୍ର ଆଙ୍କିବା ଆରମ୍ଭ କରିଥିଲା, ଯାହାକୁ କୁହାଯାଏ ମୁରାଲ ପେଣ୍ଟିଙ୍ଗ ବା କାନ୍ଥଚିତ୍ର ।

ମୁଖ୍ୟତଃ ସୂର୍ଯ୍ୟ, ଚନ୍ଦ୍ର, ଗଛଲତା, ଜୀବଜନ୍ତୁ, ଆଦିବାସୀଙ୍କ ଲୋକନୃତ୍ୟ, ଶିକାର ଦୃଶ୍ୟ, ପର୍ବପର୍ବାଣୀ ଆଦିକୁ ଏହି କଳାକୃତିରେ ଚିତ୍ରଣ କରାଯାଏ । ଆଦିବାସୀ ଦେବତା "ଇଡିତାଲ୍"ଙ୍କ ପ୍ରତି ଭକ୍ତି ପ୍ରଦର୍ଶନପୂର୍ବକ ସଉରାମାନେ ଇଡିତାଲ୍ ଚିତ୍ର ଆଙ୍କନ୍ତି । ଏହି ଚିତ୍ରର ପୃଷ୍ଠଭୂମି ନାଲି ଗେରୁଆ ମାଟିରେ ପ୍ରସ୍ତୁତ ହୁଏ । ଏହା ଉପରେ ବାଉଁଶରେ ତିଆରି ତୂଳୀରେ ସେମାନେ ଚିତ୍ର କରନ୍ତି । ଏଥିପାଇଁ କେବଳ ଅର୍ଗାନିକ ବା ପ୍ରାକୃତିକ ରଙ୍ଗ ବ୍ୟବହାର କରାଯାଏ । ଏକବିଂଶ ଶତାବ୍ଦୀରେ ଆଧୁନିକତାର ସ୍ରୋତ ସଉରା ସମାଜକୁ ମଧ ସ୍ପର୍ଶ କରିଛି ଏବଂ ସେମାନଙ୍କ ପରବର୍ତ୍ତୀ ପିଢ଼ି ସଉରା ଭାଷା ସଂସ୍କୃତିରୁ ଦୂରେଇ ଯିବାରେ ଲାଗିଛନ୍ତି । ତେଣୁ ସଉରା ସମ୍ପ୍ରଦାୟର ମୁରବୀମାନେ ଇଡିତାଲ୍ କାନ୍ଥଚିତ୍ର ମାଧ୍ୟମରେ ସେମାନଙ୍କ ସଂସ୍କୃତି ଓ ଜୀବନଶୈଳୀକୁ ଲିପିବଦ୍ଧ କରିବାର ପ୍ରୟାସ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ସଉରା ଚିତ୍ରକଳାକୁ ମିଳିବାକୁ ଥିବା ଜିଆଇ ମାନ୍ୟତା, ଆଦିବାସୀ ସମାଜରେ ନୂଆ ଆଶାର ସଞ୍ଚାର କରିବା ସହ ସଉରା କଳା ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ଏହାର ପରବର୍ତ୍ତୀ ପିଢ଼ିକୁ ପ୍ରେରଣା ଯୋଗାଉଛି ।



## Triumphs & Awards

# ଗ୍ରାମୀଣ ଓଡ଼ିଶାରେ ଡିଜିଟାଲ ସାକ୍ଷରତା ଅଭିଯାନ ପାଇଁ ଟିପିଏସ୍‌ଓଡିଏଲ୍ ପୁରସ୍କୃତ

କର୍ପୋରେଟ ସାମାଜିକ ଦାୟିତ୍ୱବୋଧ କ୍ଷେତ୍ର ପ୍ରତି ପ୍ରତିବଦ୍ଧତା କମ୍ପାନୀ ପାଇଁ ଅନେକ ସଫଳତା ଆଣିଦେଇଛି । ଗ୍ରାମୀଣ ଓଡ଼ିଶାରେ ଡିଜିଟାଲ ସାକ୍ଷରତା ଅଭିଯାନକୁ ବ୍ୟାପକ ଭାବେ ତ୍ୱରାନ୍ୱିତ କରାଇବାରେ କମ୍ପାନୀ ସଫଳ ହୋଇଛି । ଡିଜିଟାଲ ସାକ୍ଷରତା ଅଭିଯାନ ମାଧ୍ୟମରେ ସାଧାରଣ ଲୋକ ସରକାରୀ ଯୋଜନା ସହ ଅଧିକ ଯୋଡ଼ି ହୋଇପାରିଥିବା ବେଳେ ଅନଲାଇନ ପେମେଣ୍ଟ ପ୍ରକ୍ରିୟା ତଥା ଅନଲାଇନ ଶିକ୍ଷା ସମ୍ପର୍କରେ ମଧ୍ୟ ଅବଗତ ହୋଇପାରିଛନ୍ତି । ଏହି ଅଭିନବ ଉଦ୍ୟମ ପାଇଁ କମ୍ପାନୀକୁ ନୂଆଦିଲ୍ଲୀଠାରେ ଆୟୋଜିତ ହୋଇଥିବା ସିଏସଆର୍ ସମ୍ମିଳନୀ ୨୦୨୩, ଅଷ୍ଟମ ସଂସ୍କରଣରେ " ବେଷ୍ଟ ଇନୋଭେଟିଭ ସିଏସଆର୍ ପ୍ରୋଜେକ୍ଟ ଅଫ୍ ଦି ଇୟର" ପୁରସ୍କାର ମିଳିଛି । ଡିଜିଟାଲ ସାକ୍ଷରତା ଅଭିଯାନରେ ଏକ ହଜାର ଗ୍ରାମ ପଞ୍ଚାୟତର ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଜନସାଧାରଣ ସାମିଲ ହୋଇଛନ୍ତି ।




# TPSODL BAGS 11 GOLD AND 1 SILVER AWARD IN QCFI BHUBANESWAR CHAPTER




We are pleased to share that TPSODL has been awarded with the Quality Circle Forum of India (QCFI) in its inaugural year. This was the 5th chapter convention organised by QCFI on Quality with the theme 'Nature Quality Concept for a Better Future.' From our end, 12 Teams participated, 5 from operations, 3 from commercial,3 from technical services and 1 from IT/GIS. And we are overjoyed to announce that we have bagged 11 gold and 1 silver awards. Some of our projects which were highlighted were the Model GP project, Samadhaan, reduction as in DT failure, PSCC role support system etc.

# In News

## TPSODL joins hands with OMM & OLM

STATESMAN NEWS SERVICE
BERHAMPUR, 11 OCTOBER:

TPSODL has collaborated with Mission Shakti, Odisha Livelihood Mission and an NGO in identifying and supporting potential Women Self-Help Groups (WSHG) and farmers through various initiatives.

The organization has mobilized 500 WSHGs and farmers and provided them with essential resources.

TPSODL offers capacity-building programs, training including seeds and on-ground guidance.

The goal is not only to empower these individuals but also to promote the numerous nutritional and health benefits of millet.

During the kharif season, more than 500 acres of land have been cultivated across 8 districts of TPSODL operational areas. In total, 70 Gram panchayats were involv... impacting a total of 500 far... ers and WSHGs. The pa... chayats are spread acr... Ganjam, Gajapati, Korap... Boudh and Kandhamal dis... tricts. The target is to cover 100... acrs of land.

Expert training session... are being conducted at th... cluster level, educating farm... ers on the significance of mil... lets, agronomic practices lik... systematic millet intensifi... cation (SMI), line trans... planting, and the nutrition... al advantages...

## ସବୁଜ ଜୀବନ ଶୈଳୀକୁ ପ୍ରୋତ୍ସାହନ ପାଇଁ ଟିପିଏସ୍ଓଡିଏଲ୍‌ର ୱାକାଥନ୍

### ୬ ଟି ସର୍କଲରେ ସାମିଲ ହେଲେ ୪୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ



## ଟିପିଏସ୍ଓଡିଏଲରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

### ନୂତନ ବିଜୁଳି ସଂଯୋଗ, ମିଟରିଂ ଓ ବିଲିଂ ପ୍ରସଙ୍ଗରେ ସଚେତନତା



## TPSODL employee covers 540 km on cycle for safety awareness

STATESMAN NEWS SERVICE
BERHAMPUR, 29 OCTOBER:

TP Southern Odisha Distribution Limited (TPSODL), Project Lead, Saumya Ranjan Lenka, reached Berhampur after covering a 540 km cycle journey from Malkangiri as part of Safety Awareness Journey and Zero Harm Mission drive.

The entire TPSODL family proudly welcomed Lenka after successfully completing this ... employees and said "We all need to prioritize electrical safety. I have started the journey with the aim of sharing this Electrical Safety awareness so that we don't meet with any accidents. During the journey, I met the employees and various sections of the public and gave them awareness messages. By making electronic safety a priority, we can build a safer and more ...

## ସବୁଜ ଜୀବନଶୈଳୀକୁ ପ୍ରୋତ୍ସାହନ ପାଇଁ ଟିପିଏସ୍ଓଡିଏଲର ୱାକାଥନ୍

### ୬ଟି ସର୍କଲରେ ସାମିଲ ହେଲେ ୪୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ

ବ୍ରହ୍ମପୁର, ୨୭ ।୧୦(ସମିସ)



## TPSODL observes Vigilance Awareness Week; launches mass communication campaign

Berhampur, (AOBureau) :: TPSODL, the joint venture between Tata Power and Odisha Government for power distribution in Southern Odisha is ... Vigilance Awareness Week from ... shops and training sessions for all Circle Heads and senior employees on effective investigation ...hods related to ...lance matters. In ...ition, Vigilance ...rukta Shibirs will ... conducted in 10... am Panchayats ...ned at educatin...



## ବିଦ୍ୟୁତ୍ ବିତରକ ବିଭାଗର ସଚେତନତା ପଦଯାତ୍ରା





## ମାଣ୍ଡିଆ ଚାଷକୁ ଗୁରୁତ୍ୱ ଦେଉଛି ଟିପିଏସ୍ଓଡିଏଲ୍

ବ୍ରହ୍ମପୁର, ୧୨।୧୦(ସ୍ମୃତି ରଞ୍ଜନ ମହାଲିକ)



## ସାଇକଲଯାତ୍ରା ଜରିଆରେ ବୈଦ୍ୟୁତିକ ସୁରକ୍ଷା ସଚେତନତା



---

# TPSODL

**TP SOUTHERN ODISHA DISTRIBUTION LIMITED**

(A Joint Venture of Tata Power and Government of Odisha)

/TPSODL @TPSODL /tp_sodl @tpsodl /tpsodl